ପିଠା ଯୋଜନା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ବକ୍ତବ୍ୟକୁ ବିଜେଡିର ସମାଲୋଚନା ପ୍ରସଙ୍ଗରେ

# ସମାଲୋଚନାକୁ ସହ୍ୟ କରିବା ପାଇଁ ଶାସକ ବିଜେଡି ପ୍ରସ୍ତୁତ ନୁହେଁ : ବିଜେପି

- **ଭୟଭୀତ ଶାସକ ବିଜେଡି ବର୍ତ୍ତମାନ ବିରୋଧୀଙ୍କ ବକ୍ତବ୍ୟକୁ କଦର୍ଯ୍ୟ କରି ହୀନ ରାଜନୀତି କରୁଛି**

**ଭୁବନେଶ୍ୱର, ତା.୦୪/୧୨:** ସମାଲୋଚନାକୁ ସହ୍ୟ କରିବା ପାଇଁ ଶାସକ ବିଜେଡି ପ୍ରସ୍ତୁତ ନୁହେଁ । ମାନ୍ୟବରଙ୍କୁ ପ୍ରଶ୍ନ କଲେ ବିଜେଡି ଧୈର୍ଯ୍ୟହରା ହୋଇ ପଡୁଛି କାହିଁକି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର ପ୍ରଶ୍ନ କରିଛନ୍ତି ।

ଓଡିଆ ସଂସ୍କୃତି, ପ୍ରବାଦ, ଭାଷା ଓ ସାହିତ୍ୟରେ ପ୍ରଚଳିତ ଢଗ ଢମାଳି ସଂପର୍କରେ ବୋଧେ ବିଜେଡିର ନେତୃବୃନ୍ଦଙ୍କ ଜ୍ଞାନ ନାହିଁ । ନିଜ ମାତୃଭାଷାକୁ ଭୁଲି ଯାଇଥିବା ଶାସକ ଦଳର ନେତୃବୃନ୍ଦମାନଙ୍କ ଓଡିଆ ଭାଷା ପ୍ରତି ସମ୍ମାନ ନଥିବା ଆଜି ପ୍ରମାଣିତ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି । ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ଆଜି କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଇଛି । ସତକଥା କହିଲେ ଶାସକ ଦଳ ଭୟଭୀତ ହୋଇପଡୁଛି । ଏପରିକି ସମାଲୋଚନାକୁ ସହ୍ୟ କରୁନାହାନ୍ତି । ଭୟଭୀତ ହୋଇ ଶାସକ ବିଜେଡି ବର୍ତ୍ତମାନ ବିରୋଧୀଙ୍କ ବକ୍ତବ୍ୟକୁ କଦର୍ଯ୍ୟ କରି କେତେ ଦିନ ଏପରି ହୀନ ରାଜନୀତି କରି ଲୋକଙ୍କୁ ଭୁଆଁ ବୁଲାଇବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**